# NATIONAL NEWS BULLETIN (ODIA)

## 07th December - 2025

## Morning Bulletin : 7.15 a.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ବିମାନ ଯାତ୍ରୀ ସମ୍ମୁଖୀନ ହୋଇଥିବା ଅସୁବିଧାଜନକ ପରିସ୍ଥିତି ଆଧାରରେ ଇଣ୍ଡିଗୋକୁ କାରଣ ଦର୍ଶାଅ ନୋଟିସ ଜାରିକଲା ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ।

- ଅହମ୍ମଦାବାଦ ମହାନଗର ନିଗମ ଅଧୀନସ୍ଥ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଆଜି ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ମିଳିମିଶି କାର୍ଯ୍ୟ କରିବାକୁ ପ୍ରତିବଦ୍ଧତା ପ୍ରକାଶ କଲେ ଭାରତ ଓ ଆମେରିକା ।

- ଉତ୍ତର ଗୋଆରେ ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଯୋଗୁଁ ୨୩ ଜଣଙ୍କର ମୃତ୍ୟୁ ।

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ପୁରୁଷ ବର୍ଗ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌କୁ ଅକ୍ତିଆର କଲା ଭାରତ ।

## ଡି.ଜି.ସି.ଏ. - ଇଣ୍ଡିଗୋ ନୋଟିସ୍

ବିମାନସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପିଟର ଏଲ୍‌ବର୍ସ ଏବଂ ଦାୟିତ୍ୱରେ ଥିବା ମ୍ୟାନେଜର ଇସିଡ୍ରୋ ପୋର୍‌କୁଏରାସ୍‌ଙ୍କୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ କାରଣ ଦର୍ଶାଅ ନୋଟିସ ଜାରି କରିଛି । ବିମାନ ଉଡ଼ାଣ ବାତିଲ୍ ଏବଂ ବିଳମ୍ବିତ ସେବାପାଇଁ ଯାତ୍ରୀ ସମ୍ମୁଖୀନ ହେଉଥିବା ଅସୁବିଧା ପରିପ୍ରେକ୍ଷୀରେ ନିର୍ଦ୍ଦେଶାଳୟ ଏହି ନୋଟିସ୍ ଜାରି କରିଥିବା ଜଣାପଡ଼ିଛି । ଉଡ଼ାଣ ସମୟସୀମା ମାନଦଣ୍ଡ ଅନୁଯାୟୀ ଯାତ୍ରୀଙ୍କ କ୍ଷେତ୍ରରେ ସଂଶୋଧିତ ଆବଶ୍ୟକତା ଆଧାରରେ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରା ନ ଯିବା ନେଇ ନିର୍ଦ୍ଦେଶାଳୟ ଇଣ୍ଡିଗୋକୁ ଏହି ନୋଟିସ୍ ଦିଆଯାଇଛି । ସେବାପ୍ରଦାନରେ ବିଫଳତା, ତଦାରଖ ଏବଂ ସମ୍ବଳ ପରିଚାଳନାରେ ତ୍ରୁଟି ନେଇ ସଂସ୍ଥା ବିରୋଧରେ ଅଭିଯୋଗ ରହିଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟନିର୍ବାହୀ

ଅଧିକାରୀ ଶ୍ରୀ ଏଲ୍‌ବର୍ସଙ୍କ ସହ ଆଲୋଚନା କରି ପରିସ୍ଥିତିର ସମୀକ୍ଷା କରିବା ସହ ସୃଷ୍ଟ ଆହ୍ୱାନର ମୁକାବିଲା ଦିଗରେ ମତ ବିନିମୟ କରିଛନ୍ତି ।

ଅନ୍ୟପକ୍ଷରେ ବିମାନଯାତ୍ରୀଙ୍କୁ ଯଥାଶୀଘ୍ର ଭଡ଼ାରାଶି ଫେରସ୍ତ କରିବାକୁ ମନ୍ତ୍ରଣାଳୟ ଇଣ୍ଡିଗୋ'କୁ ଗତକାଲି ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ବାତିଲ କିମ୍ବା ବାଧାପ୍ରାପ୍ତ ହୋଇଥିବା ବିମାନ ଉଡ଼ାଣ ଜନିତ ପ୍ରଭାବିତ ଯାତ୍ରୀଙ୍କୁ ଆଜି ରାତି ୮ଟା ସୁଦ୍ଧା ଅର୍ଥରାଶି ଫେରସ୍ତ ପ୍ରକ୍ରିୟା ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ବିମାନ ଉଡ଼ାଣ ବାତିଲ ଦ୍ୱାରା ଯାତ୍ରୀଙ୍କଠାରୁ ପୁନଃନିର୍ଦ୍ଧାରିତ ଶୁଳ୍କ ଆଦାୟ ନ କରିବାକୁ ସମ୍ପୃକ୍ତ ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ଅର୍ଥଫେରସ୍ତ ପ୍ରକ୍ରିୟା ଶେଷ ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିମାନସେବା କ୍ଷେତ୍ରରେ ନିରନ୍ତରତା ନ ହେବା ପର୍ଯ୍ୟନ୍ତ ସ୍ୱୟଂଚାଳିତ ଅର୍ଥଫେରସ୍ତ ବ୍ୟବସ୍ଥା ସକ୍ରିୟ ରହିବ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ନିର୍ଦ୍ଧାରିତ ଯାତ୍ରୀ ଅଧିକାର ମାନଦଣ୍ଡ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ କୁହାଯାଇଛି। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଯାତ୍ରୀ, ଛାତ୍ରଛାତ୍ରୀ, ରୋଗୀ ତଥା ଜରୁରୀ ଯାତ୍ରା ଆବଶ୍ୟକ କରୁଥିବା ସମସ୍ତ ଯାତ୍ରୀଙ୍କ ସୁବିଧାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।

## ଭାଇସ୍ ପ୍ରେସିଡେଣ୍ଟ - ଗୁରୁଗ୍ରାମ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଗୁରୁଗ୍ରାମରେ ଥିବା ବ୍ରହ୍ମାକୁମାରୀ ଓମ୍ ଶାନ୍ତି ରିଟ୍ରିଟ୍ ସେଣ୍ଟରର ବର୍ଷବ୍ୟାପୀ ପାଳିତ ହେବାକୁ ଥିବା ରୌପ୍ୟ ଜୟନ୍ତୀ ସମାରୋହକୁ ଆଜି ଉଦ୍‌ଘାଟନ କରିବେ । ରିଟ୍ରିଟ୍ ସେଣ୍ଟରର ୨୪ତମ ବାର୍ଷିକ ସମାରୋହରେ ଆଜି ଯୋଗଦେଇ ଶ୍ରୀ ରାଧାକ୍ରିଷ୍ଣନ୍ ବର୍ଷେବ୍ୟାପୀ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ସେଗୁଡ଼ିକ ମଧ୍ୟରେ ଯୋଗ ତାଲିମ ଶିବିର ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆଦି ରହିଛି ।

## ଗୁଜରାଟ - ଅମିତ ଶାହା

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଗୁଜରାଟର ଅହମ୍ମଦାବାଦ ମହାନଗର ନିଗମ ଅଧୀନସ୍ଥ ୧୫ ଶହ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଆଜି ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଆବାସ, ଭିତ୍ତିଭୂମି, ସାର୍ବଜନୀନ ସୁବିଧା ଆଦି ବ୍ୟବସ୍ଥା ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ । ମୋଟ ୫୮ଟି ବିକାଶମୂଳକ ପ୍ରକଳ୍ପର ଆଜି ଶ୍ରୀ ଶାହା

ଉଦ୍‌ଘାଟନ କରିବେ । ସେଥିମଧ୍ୟରେ ୮୮୧ଟି ଆବାସ, ହ୍ରଦ, ଉଦ୍ୟାନ ସମେତ ପ୍ରମୁଖ ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏକ ମିନି-କ୍ରୀଡ଼ା କମ୍ପ୍ଲେକ୍ସର ମଧ୍ୟ ଶ୍ରୀ ଶାହା ଶିଳାନ୍ୟାସ କରିବେ । ମହାନଗର ନିଗମରେ ପ୍ରାୟ ୧୦୦ ଜଣ ସହାୟକ ଅଗ୍ନିଶମ କର୍ମଚାରୀଙ୍କୁ ଶ୍ରୀ ଶାହା ନିଯୁକ୍ତିପତ୍ର ବଣ୍ଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ରାଜନାଥ ସିଂହ - ଲେହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଲଦାଖ୍‌ର ଲେହ ଜିଲ୍ଲା ଅନ୍ତର୍ଗତ ଶ୍ୟୋକ୍‌ଠାରେ ବିଭିନ୍ନ ଭିତ୍ତିଭୂମି, ସଂଯୋଗୀକରଣ ପ୍ରକଳ୍ପ ଏବଂ ଶ୍ୟୋକ୍ ସୁଡ଼ଙ୍ଗର ଉଦ୍‌ଘାଟନ କରିବେ । ପ୍ରକଳ୍ପଗୁଡ଼ିକ ମଧ୍ୟରେ ସଡ଼କ, ପୋଲ ନିର୍ମାଣ, ସୁଡ଼ଙ୍ଗ ପଥ ଇତ୍ୟାଦି ଅନ୍ତର୍ଭୁକ୍ତ ।  ଏହିସବୁ ପ୍ରକଳ୍ପ ଜମ୍ମୁ-କାଶ୍ମୀର ଓ ଲଦାଖ୍‌ର ଦୂରବର୍ତ୍ତୀ ଗ୍ରାମକୁ ସହଜ ସଂଯୋଗୀକରଣ କରିବ । ଉଦ୍‌ଘାଟନୀ ସମରୋହରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଆଭାସୀ ମାଧ୍ୟମରେ ଯୋଗଦେବେ । କାର୍ଯ୍ୟକ୍ରମରେ ଲଦାଖର ଉପରାଜ୍ୟପାଳ କବୀନ୍ଦ୍ର ଗୁପ୍ତା ଯୋଗଦେବେ ।

# ଇଣ୍ଡିଆ-ୟୁ.ଏସ୍. ଲେଟ୍ ଜେମ୍

ଭାରତ ଓ ଆମେରିକା ସୀମାରପାର ଆତଙ୍କବାଦ ଏବଂ ଯେକୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଛନ୍ତି । ଉଭୟ ଦେଶ ମଧ୍ୟରେ ଗତ ୩ ତାରିଖରେ ଅନୁଷ୍ଠିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜାତିସଂଘ, କ୍ୱାର୍ଡ଼ ଏବଂ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କ ଫୋର୍ସ ଆଲୋଚନାରେ ବିଶ୍ୱ ସ୍ତରରେ ଆତଙ୍କବାଦ ବିରୋଧରେ ମିଳିମିଶି କାର୍ଯ୍ୟ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ୨୧ତମ ଭାରତ-ଆମେରିକା ଆତଙ୍କବାଦ କାର୍ଯ୍ୟକଳାପ ନେଇ ମିଳିତ କାର୍ଯ୍ୟଗୋଷ୍ଠୀ ସମ୍ମିଳନୀ ଏବଂ ସପ୍ତମ ପ୍ରତିନିଧିସ୍ତରୀୟ ଆଲୋଚନା ଅବସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଭାରତରେ ସାମ୍ପ୍ରତିକ ସଂଘଟିତ ଆତଙ୍କବାଦୀ ଆକ୍ରମଣକୁ ଉଭୟ ଦେଶ ଦୃଢ଼ଭାବେ ନିନ୍ଦା କରିଛନ୍ତି । ଆଇ.ଏସ୍.ଆଇ.ଏସ., ଅଲ୍‌କାଏଦା, ଲସ୍କର-ଏ-ତୋୟବା ଏବଂ ଜୈସ-ଇ-ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକରେ ଜାତିସଂଘ ପ୍ରତିବନ୍ଧକ ଲଗାଇବାକୁ ଉଭୟ ଦେଶ ଆହ୍ୱାନ ଦେଇଛନ୍ତି । ଏହି ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକର ସମର୍ଥକ, ଆର୍ଥିକ ସହାୟତା ପ୍ରଦାନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଭୟ ଦେଶ ଗୁରୁତ୍ୱ ଦେଇଛନ୍ତି । ବୈଠକ ଅବସରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ସାଇବର ସୁରକ୍ଷା, ସର୍ବୋତ୍ତମ ଅଭ୍ୟାସର ଆଦାନ ପ୍ରଦାନ

ଏବଂ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରଭାବଶାଳୀ ଢଙ୍ଗରେ ପ୍ରତିହତ କରିବା ଲକ୍ଷ୍ୟ ନେଇ ଉଭୟ ଦେଶ ମଧ୍ୟରେ ମତ ବିନିମୟ ହୋଇଛି ।

## ଫାୟାର - ଗୋଆ ନାଇଟ୍ କ୍ଲବ୍

ଉତ୍ତର ଗୋଆର ଆରପୋଡ଼ା ଅଞ୍ଚଳରେ ଥିବା ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୩ ଜଣଙ୍କର ମୃତ୍ୟୁ ଘଟିଛି । ଏକ ଗ୍ୟାସ୍ ସିଲିଣ୍ଡର ଫାଟିଯିବା ଫଳରେ ଗତକାଲି ବିଳମ୍ବିତ ରାତ୍ରିରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ମୃତକଙ୍କ ମଧ୍ୟରେ ଅଧିକାଂଶ କ୍ଲବ୍‌ର ରୋଷେଇ କର୍ମଚାରୀ ଥିବାବେଳେ ୩-୪ ଜଣ ପର୍ଯ୍ୟଟକ ଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ପୋଡ଼ିହୋଇ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁମୁଖରେ ପଡ଼ିଛନ୍ତି । ଗୋଆର ପୁଲିସ ମହାନିର୍ଦ୍ଦେଶକ ଆଲୋକ କୁମାର କହିଛନ୍ତି, ପୁଲିସ, ଅଗ୍ନିଶମ ବିଭାଗ ଏବଂ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା । ଅଗ୍ନି ନିୟନ୍ତ୍ରଣାଧୀନ ଥିବାବେଳେ ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇଛି । ଦୁର୍ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ କୁମାର କହିଛନ୍ତି ।

## ପାକ୍ - ଡ୍ରୋନ୍

ପଞ୍ଜାବ ସୀମା ସୁରକ୍ଷା ବାହିନୀ ସୀମାକ୍ଷେତ୍ରରେ ୩ଟି ପାକିସ୍ତାନୀ ଡ୍ରୋନ୍‌କୁ ଖସାଇ ଦେଇଛି । ବାହିନୀର ପଞ୍ଜାବ ଫ୍ରଣ୍ଟିୟର୍ ଏକ ପ୍ରେସ୍ ବିବୃତ୍ତିରେ କହିଛି, ସେଠାରୁ ୨ ପ୍ୟାକେଟ୍ ହେରୋଇନ୍ ଜବତ କରାଯାଇଛି । ବି.ଏସ୍.ଏଫ୍. ପକ୍ଷରୁ ଚାଲିଥିବା ଅପରେସନ୍ ସମୟରେ ସମ୍ଭାବ୍ୟ ସୀମାପାର ନିଶାଦ୍ରବ୍ୟ ଯୋଗାଣ ନେଇ ଗୁଇନ୍ଦା ସୂଚନା ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସୀମାରେ ବ୍ୟବହୃତ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଡ୍ରୋନ୍‌ଗୁଡ଼ିକ ଖସିପଡ଼ିଥିବା ବି.ଏସ୍.ଏଫ୍. କହିଛି ।

## ତେଲଙ୍ଗାନା - ଗ୍ଲୋବାଲ ସମ୍ମିଟ

ତେଲଙ୍ଗାନାର ହାଇଦ୍ରାବଦାଠାରେ ଆସନ୍ତାକାଲିଠାରୁ ଦୁଇଦିନିଆ ରାଇଜିଂ ଗ୍ଲୋବାଲ୍ ସମ୍ମିଳନୀ-୨୦୨୫ ଆରମ୍ଭ ହେଉଛି । ସମ୍ମିଳନୀରେ ବିଶ୍ୱସ୍ତରୀୟ ନେତା, ଶିଳ୍ପ, ଉଦ୍ୟୋଗପତି ଏବଂ ବିଶେଷଜ୍ଞ ଓ ବିଭିନ୍ନ କ୍ଷେତ୍ରର  ଅଂଶୀଦାର ଏଥିରେ ଅଂଶଗ୍ରହଣ କରିବେ । ଶକ୍ତି, ଆଇ.ଟି., ସ୍ୱାସ୍ଥ୍ୟସେବା ଏବଂ ଷ୍ଟାର୍ଟଅପ୍ ଭଳି ବିଭିନ୍ନ କ୍ଷେତ୍ର ଉପରେ ଆଧାରିତ ୨୭ଟି ଅଧିବେଶନ ଏହି ଅବସରରେ ଅନୁଷ୍ଠିତ ହେବ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ବିଶ୍ୱବ୍ୟାଙ୍କ୍, ଏସୀୟ ଉନ୍ନୟନ ବ୍ୟାଙ୍କ୍

ଏବଂ ୟୁନିସେଫ୍ ଭଳି ପ୍ରମୁଖ ସଙ୍ଗଠନର ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେବେ । ସମ୍ମିଳନୀ ଅବସରରେ ତେଲଙ୍ଗାନା ରାଇଜିଂ-୨୦୪୭ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରାଯିବ । ପି.ଭି. ସିନ୍ଧୁ ଏବଂ ଅନିଲ୍ କୁମ୍ବଲେଙ୍କ ପରି କ୍ରୀଡ଼ାତାରକା ଏବଂ ପ୍ରମୁଖ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବା ଲାଗି ଆମନ୍ତ୍ରଣ କରାଯାଇଛି ।

## କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ପୁରୁଷ ବର୍ଗ ଚଳିତ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌କୁ ଭାରତ ୨-୧ରେ ଅକ୍ତିଆର କରିଛି । ବିଶାଖାପାଟଣାଠାରେ ଗତକାଲି ଅନୁଷ୍ଠିତ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୯ ଉ୍ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଭାରତ ଦକ୍ଷିଣ ଆଫ୍ରିକାକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା ।

ଦକ୍ଷିଣ ଆଫ୍ରିକା ୪୭ ଓଭର ୫ଟି ବଲ୍‌ରେ ସମସ୍ତ ଉ୍ୱିକେଟ୍ ହରାଇ ୨୭୦ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କ୍ୱିଣ୍ଟନ୍-ଡି-କକ୍ ୧୦୬ ରନ୍ କରିଥିବାବେଳେ ଅଧିନାୟକ ତେମ୍ବୋ ବିଭୁମା ୪୮ ରନ୍ ସଂଗ୍ରହ କରିଥିଲେ। ଭାରତ ପକ୍ଷରୁ କୁଲଦୀପ୍ ଯାଦବ୍ ଏବଂ ପ୍ରସିଦ୍ଧକ୍ରିଷ୍ଣା ଉଭୟ ୪ଟି ଲେଖାଏଁ ଉ୍ୱିକେଟ୍ ଅକ୍ତିଆର କରିଥିଲେ। ୨୭୧ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୩୯ ଓଭର୍ ୫ଟି ବଲ୍‌ରେ ଗୋଟିଏ ଉ୍ୱିକେଟ୍ ବିନିମୟରେ ହାସଲ

କରିପାରିଥିଲା । ଯଶସ୍ୱୀ ଜୟଶ୍ୱାଲ ଅପରାଜିତ ୧୧୬ ରନ୍ ଏବଂ ରୋହିତ ଶର୍ମା ୭୫ ରନ୍ ଓ ବିରାଟ କୋହଲି ଅପରାଜିତ ୬୫ ରନ୍ ସଂଗ୍ରହ କରିଥିଲେ । ଯଶସ୍ୱୀ ଜୟଶ୍ୱାଲ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଏବଂ ବିରାଟ କୋହଲିଙ୍କୁ ପ୍ଲେୟାର ଅଫ୍ ଦି ସିରିଜ୍ ଘୋଷଣା କରାଯାଇଛି ।

*****